# ଢେଙ୍କାନାଳ ଜିଲାରେ ୨୬୮୮ ମାମଲା ଫଇସଲା

## ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ



ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତିଗଣ ଓ ଅନ୍ୟମାନେ।

ଢେଙ୍କାନାଳ,୧୪।୩(ରତନ ନାୟାର)

ଢେଙ୍କାନାଳ ଜିଲାର ବିଭିନ୍ନ ଅଦାଲତରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଣବ କୁମାର ରାଉତରାୟଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ଏହି ଲୋକ ଅଦାଲତରେ ଜିଲାର ସମସ୍ତ ଅଦାଲତର ମୋଟ ୨୬୮୮ ମାମଲା ଫଇସଲା କରାଯାଇଛି। ସେଥିମଧ୍ୟରୁ ମୋଟର ଦୁର୍ଘଟଣାଜନିତ ୨୭ଟି, ବିବାହ ଓ ପାରିବାରିକ ମାମଲା ୫ଟି, ଦେୱାନୀ ମାମଲା ୫୯ଟି, ବିଭିନ୍ନ ପ୍ରକାର ଫୌଜଦାରି ମାମଲା ୩୭୮ଟି, ରାଜସ୍ୱ ମାମଲା ୨୨୧୯ଟି ସମାଧାନ କରାଯାଇଛି । ବ୍ୟାଙ୍କ ମାମଲାଗୁଡିକ ଆପୋଷ ସମାଧାନ କରାଯାଇଛି । ମୋଟର ଦୁର୍ଘଟଣା ଜନିତ ପ୍ରାପ୍ୟ ବାବଦକୁ ୧,୪୩,୩୭,୦୦୦ ଟଙ୍କା ପ୍ରଧାନ କରାଯାଇଛି। ଅନ୍ୟାନ୍ୟ ମାମଲା ଗୁଡିକରେ ଜରିମାନା ଓ ବ୍ୟାଙ୍କ ଋଣ ଫଇସଲା ବାବଦକୁ ୧,୦୪,୪୯,୬୮୫ଟଙ୍କା ଜିଲାର ସମସ୍ତ ଅଦାଲତ ମାନଙ୍କରେ ଆଦାୟ କରାଯାଇଛି।

ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ପାରିବାରିକ ଅଦାଲତର ବିଚାରପତି ଦୀପକ କୁମାର, ବରିଷ୍ଠ ଦେୱାନୀ ବିଚାରପତି ଜୀବନ କୁମାର ପଟ୍ଟନାୟକ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ସୁନିତା ରାଉତ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରେଶ୍ମା ଧଳବିଶୋଇ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଦୀକ୍ଷା ସେଠ୍ ପ୍ରମୁଖ ବିଭିନ୍ନ ପରିଚାଳନା କରିଥିଲେ। ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ପ୍ରଣତୀ ସାହା ଉପସ୍ଥିତ ଥିଲେ । ଜିଲା ଆଇନସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ଭାରପ୍ରାପ୍ତ ବିଚାରପତି ତଥା ରେଜିଷ୍ଟ୍ରାର ସିଭିଲ କୋର୍ଟ ସସ୍ମିତା ନାୟକ ଅଦାଲତକୁ ପରିଚାଳନା କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ପ୍ୟାନେଲ ଲୟର, ପିଏଲ୍ଭି, ଜିଲା ଆଇନସେବା ପ୍ରାଧୀକରଣ ଓ ସିଭିଲ କୋର୍ଟର ସମସ୍ତ କର୍ମଚାରୀ ଲୋକଅଦାଲତକୁସୂଚାରୁରୂପେ ପରିଚାଳନାରେ ସହାୟତା କରିଥିଲେ ।

# ଦୁର୍ଘଟଣାର ୯ ଦିନ ପରେ ଭଙ୍ଗାଘରୁ ବାହାରିନି ଟ୍ରଲର

## ଅସହାୟ ଅବସ୍ଥାରେ ଜୀବନ କାଟୁଛନ୍ତି ପରିବାର



ଗଁଦିଆ,୧୪।୩(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ ହାତିବାରୀ ଗ୍ରାମରେ ମାର୍ଚ୍ଚ ୫ ତାରିଖ ଗୁରୁବାର ଘଟିଯାଇଥିବା ଦୁର୍ଘଟଣା ଆଜିକୁ ୯ ଦିନ ବିତିଯାଇଛି। ଟ୍ରଲର ଧକ୍କାରେ ପ୍ରାଣ ହରାଇଥିବା ଅସ୍ଥିର ତରାଇଙ୍କ ପରିବାର ଏବେ ସମ୍ପୂର୍ଣ୍ଣ ଅସହାୟ ହୋଇପଡିଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଥିବା ଘରଟି ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ଏବେବି ସେହି ଭଙ୍ଗା ଘର ଭିତରେ ପଶିରହିଛି ଟ୍ରଲର। ଫଳରେ ପରିବାର ଲୋକେ ବାଧ୍ୟ ହୋଇ ଗଛ ତଳେ ଆଶ୍ରୟ ନେଉଛନ୍ତି। ଦୁର୍ଘଟଣା ପରେ ଟ୍ରଲର ମାଲିକଙ୍କ ଦେଖା ମିଳୁ ନ ଥିବା ବେଳେ ପ୍ରଶାସନ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରେ ୩୦୦୦ ସହାୟତା ଦେଇ ଚୁପ ବସିରହିଛି। ଆଉ ଗୋଟିଏ ଦିନ ପରେ ମୃତକଙ୍କ ଶୁଦ୍ଧିକ୍ରିୟା ହେବାକୁ ଥିବା ବେଳେ ପରିବାର ଲୋକେ କିଭଳି କର୍ମ ସାରିବେ ସେ ନେଇ ଚିନ୍ତାରେ ଅଛନ୍ତି। ଗୋଟିଏ ପଟେ ଆପଣାର ମଣିଷକୁ ହରାଇବାର ଦୁଃଖ, ଅନ୍ୟପଟେ ଭଙ୍ଗା ଘରର ଦୁର୍ଦ୍ଦଶା ଏହି ଗରିବ ପରିବାରର ମେରୁଦଣ୍ଡକୁ ଭାଙ୍ଗିଦେଇଛି। ଘଟଣାସ୍ଥଳରୁ ଏପର୍ଯ୍ୟନ୍ତ ଟ୍ରଲରକୁ ହଟାଯାଇ ନ ଥିବାରୁ ପରିବାରର ସମସ୍ୟା ଦ୍ୱିଗୁଣିତ ହୋଇପଡିଛି। ଡ୍ରାଇଭରଙ୍କୁ କୋର୍ଟ ଚାଲାଣ ପରେ ପ୍ରଶାସନ ଓ ପୋଲିସର ନୀରବତାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଗଁଦିଆ ଥାନା ଅଧିକାରୀ ପ୍ରତାପଚନ୍ଦ୍ର ଦଳେଇ କହିଛନ୍ତି, ଆମେ ଗାଡି ଉଠେଇବାକୁ ଯାଇଥିବା ବେଳେ ଗ୍ରାମବାସୀ ଗାଡ଼ି ମାଲିକ ଆର୍ଥିକ ସାହାଯ୍ୟ ନ ଦେବା ଯାଏଁ ଗାଡି ଏହି ସ୍ଥାନରୁ ଉଠିପାରିବ ନାହିଁ ବୋଲି ଅଡ଼ିବସିଥିଲେ। ଟ୍ରଲରଟି ଭଙ୍ଗା ଘରୁ ଉଠାଇବା ସହିତ ମୃତ ଅସ୍ଥିରଙ୍କ ଅସହାୟ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ହିନ୍ଦୁ ସମ୍ମିଳନୀରେ ସଂଗୃହୀତ ବଳକା ରାଶି ମଠ ମହନ୍ତଙ୍କୁ ପ୍ରଦାନ



ଢେଙ୍କାନାଳ,୧୪।୩(ରତନ ନାୟାର)

ଜାନୁଆରୀ ୨୫ ତାରିଖରେ ହିନ୍ଦୁ ସମ୍ମିଳନୀ ଢେଙ୍କାନାଳ ଶାଖା ପକ୍ଷରୁ ଅନୁଷ୍ଠିତ ପଞ୍ଚ ମହାଯଜ୍ଞ ଓ ବୌଦ୍ଧିକ କାର୍ଯ୍ୟକ୍ରମ ବାବଦକୁ ସଂଗୃହୀତ ରାଶିରୁ ବଳକା ହୋଇଥିବା ୧୦ହଜାର ୪୬୦ଟଙ୍କା ଗୁରୁବାର ଅନୁଷ୍ଠାନ ପକ୍ଷରୁ ଯାଉଁଳି ପୋଖରୀ ମଠ ମହନ୍ତ ମହାରାଜ ବ୍ରହ୍ମାନନ୍ଦ ଦାସଜୀଙ୍କୁ ପ୍ରଦାନ କରାଯାଇଛି । ଏହି ଉଦ୍ୟମ ପାଇଁ ମହନ୍ତ ଅନୁଷ୍ଠାନକୁ ସାଧୁବାଦ ଜଣାଇବା ସହିତ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହିନ୍ଦୁ ସମ୍ମିଳନୀର ସଭାପତି ସୁକାନ୍ତ ମିଶ୍ର, ଢେଙ୍କାନାଳ ଶିଶୁ ବିଦ୍ୟାମନ୍ଦିର ସଭାପତି ଇଂ. ବାବୁଚାନ୍ଦ ମହାଳିକ, ବ୍ୟବସ୍ଥା ପ୍ରମୁଖ ବସନ୍ତ ରଥ, ସହ ବିଭାଗ ପ୍ରମୁଖ ଇଂ. ହୃଦାନନ୍ଦ ଶତପଥୀ, ସମ୍ପର୍କ ପ୍ରମୁଖ ନିରାକାର ସାମନ୍ତରାୟ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ପ୍ରମୋଦ ଲେଙ୍କା, ଜିଲା ପ୍ରଚାରକ ଅଶୋକ ଭଞ୍ଜ, ଅବସରପ୍ରାପ୍ତ ପ୍ରଶାସକ ବିଶ୍ୱନାଥ ବେହେରା, ନାରାୟଣ ସାହୁ, କାର୍ଯ୍ୟକ୍ରମ ପ୍ରମୁଖ ଦୀପକ ପ୍ରସାଦ ପଟ୍ଟନାୟକ, ବିଭାଗ ସମ୍ପର୍କ ପ୍ରମୁଖ ପ୍ରଶାନ୍ତ ମିଶ୍ର ଓ କୋଷାଧ୍ୟକ୍ଷ ସନ୍ତୋଷ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଷ୍ଟାର ମହିଳା ଶିକ୍ଷକ ସମ୍ମିଳନୀ

ଢେଙ୍କାନାଳ,୧୪।୩(ରତନ ନାୟାର)

ଢେଙ୍କାନାଳ ଓଷ୍ଟା ଶିକ୍ଷକ ଭବନ ପରିସରରେ ଜିଲା ସଭାପତି ଶ୍ରୀରାମ ରାଉତଙ୍କ ସଭାପତିତ୍ୱରେ ଜିଲାସ୍ତରୀୟ ମହିଳା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ରାଜ୍ୟ ଓଷ୍ଟା ସଂଘର କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବରେ ରାଜ୍ୟ ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, ଉପସଭାପତି ରାଜଲକ୍ଷ୍ମୀ ବେହେରା ଓ ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ମହିଳା ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀଙ୍କ ସଶକ୍ତୀକରଣ ସମ୍ପର୍କରେ ଉପସ୍ଥାପନ କରିଥିଲେ । ଜିଲା ସମ୍ପାଦକ ଶଶିକାନ୍ତ ଦାସ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବତନ ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ ଓ ସମ୍ପାଦକ ବିଭୂତି ସାମଲ, ସରୋଜକାନ୍ତ ଦାଶ ଏବଂ ପ୍ରଶାନ୍ତ କୁମାର ଧଳ ପ୍ରମୁଖ ମହିଳା ସଂଗଠନକୁ ମଜଭୁତ କରିବା ନିମନ୍ତେ ପ୍ରେରଣା ଦେଇଥିଲେ । ଜିଲା ଓଷ୍ଟା କମିଟିର ସଦସ୍ୟ, ବ୍ଲକ୍ସ୍ତରୀୟ କର୍ମକର୍ତ୍ତା, ମହିଳା ଶିକ୍ଷକ ଓ ଶିକ୍ଷା କର୍ମଚାରୀଗଣ ସଭାରେ ଯୋଗଦାନ କରିଥିଲେ । ଏକ ମହିଳା ସାମ୍ମୁଖ୍ୟ ଗଠନ କରାଯାଇଥିଲା। ଯୋରନ୍ଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ର ସାମ୍ମୁଖ୍ୟର ମୁଖ୍ୟ ଭାବରେ କାମକରିବେ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ଜିଲା ଓଷ୍ଟା ସଂଘର ଉପସଭାପତି ଶୁଭସ୍ମିତା ବେଉରା ସଂଯୋଜନା କରିଥିଲେ । କାମାକ୍ଷାନଗର ବ୍ଲକ୍ ଓଷ୍ଟା ସମ୍ପାଦକ ଗଜେନ୍ଦ୍ର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟକୁ ପ୍ରଶଂସା




ବଅଁରପାଳ,୧୪।୩(ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳସ୍ଥିତ ପାଞ୍ଚଗଡ଼ ସୋମନାଥ ସିଂହ ଜଗଦ୍ଦେବ ସ୍ନାତକ ମହାବିଦ୍ୟାଳୟ ତରଫରୁ ଶନିବାର 'ଇନୋଭେଶନ ଆଣ୍ଡ ଷ୍ଟାର୍ଟଅପ୍ କମ୍ପିଟେଶନ' ଶୀର୍ଷକ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପଦ୍ମ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଟାଟା ସିଏସ୍ଆର୍ ହେଡ୍ କୁମାର ସୌରଭ ଓ ଯୁବ ଉଦ୍ୟୋଗୀ ତପନ କୁମାର ସାମଲ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିବା ସହ ବିଭିନ୍ନ ଦିଗରୁ ପିଲାଙ୍କ ଭିତରେ ଉତ୍ସାହ ଭରିଥିଲେ। ଅଧ୍ୟାପକ ମନୋଜ ବେହେରା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ପାର୍ଥବୀର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ୨୫ରୁ ୩୦ ଛାତ୍ରୀଛାତ୍ର ମାଣ୍ଡିଆରେ ପ୍ରସ୍ତୁତ କରିଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀକୁ ଅତିଥିମାନେ ବୁଲି ଚାଖିବା ସହିତ ପ୍ରଶଂସା କରିଥିଲେ। ଏଥିସହିତ ଅଧ୍ୟକ୍ଷ ପଦ୍ମଚରଣ ସାହୁଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ଏକ ବୈଠକ କରାଯାଇଥିଲା। ବିଭିନ୍ନ କର୍ମଚାରୀଙ୍କୁ ନୂତନ ଭାବେ ଦାୟିତ୍ୱ ଦିଆଯାଇଥିଲା।

# ପଞ୍ଚାୟତ ନିର୍ବାଚନ ପାଇଁ ଏଏପିର ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଏଏପି କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ଢେଙ୍କାନାଳ,୧୪।୩(ରତନ ନାୟାର)

ଢେଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀର ଏଏପି (ଆପ୍) କୋର କମିଟି ବୈଠକ ସଦର ବ୍ଲକ କାର୍ଯ୍ୟାଳୟଠାରେ ନିର୍ବାଚନ ମଣ୍ଡଳୀ ସଭାପତି ଚିତ୍ତରଞ୍ଜନ ପାଣିଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସଦର ବ୍ଲକ ଓ ଗଁଦିଆ ବ୍ଲକର ଦୁଇଟି ଲେଖାଏଁ ଜୋନ ଦାୟିତ୍ୱ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଦାନ କରାଯାଇଥିଲା। ରାଜ୍ୟ ସଂଗଠନ ସମ୍ପାଦକ ଭରତ ଦାସ ଯୋଗଦେଇ ଦେଶରେ ଏଏପିର ଲୋକପ୍ରିୟତା ଓ କେନ୍ଦ୍ର ସରକାରଙ୍କ ଭୁଲ ବିଦେଶ ନୀତି ଯୋଗୁ ଜନସାଧାରଣ ଭୋଗୁଥିବା ଯନ୍ତ୍ରଣା ସମ୍ପର୍କରେ ଆଲୋଚନା କରିଥିଲେ। ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ଭ୍ରଷ୍ଟ ଓ ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ପାଇଁ ଲଢେଇ କରିବାକୁ ଜୋର ଦେଇଥିଲେ। ଜିଲା ସଭାପତି ରମେଶ ପଣ୍ଡା ସାଙ୍ଗଠନିକ ସ୍ଥିତି ଉପସ୍ଥାପନା କରିଥିଲେ। ଜିଲା ସମ୍ପାଦକ ଅନିଲ ସାମଲ, ସରସ୍ୱତୀ ପରିଡ଼ା, ପ୍ରସନ୍ନ ବରାଳ, କୋଷାଧ୍ୟକ୍ଷ ନିରଞ୍ଜନ ପତି, ଦେବାଶିଷ ବେହେରା, ଯୁବନେତା ଅରବିନ୍ଦ ବେହେରା, ରୁକ୍ମିଣୀ ଦଳେଇ, ଜୟଦେବ ବେହେରା, ପୀତାମ୍ବର ସାମନ୍ତରାୟ ପ୍ରମୁଖ ଯୋଗଦେଇ ସାଧାରଣ ଜନତାଙ୍କ ସମସ୍ୟା ଦୂରକରିବା, ପ୍ରତ୍ୟେକ ଜିଲାପରିଷଦ ଜୋନ ଓ ପୌର ନିର୍ବାଚନ ଲଢିବା ଉପରେ ନିଜ ମତ ରଖି ଦାୟିତ୍ୱ ନେଇଥିଲେ। ଗଁଦିଆ ବ୍ଲକ ସଭାପତି ରୋହିତ ବେହେରା ଧନ୍ୟବାଦ ଦେଇଥିଲେ।

# ଭାରସାମ୍ୟ ହରାଇ ଗଛରେ ପିଟିହେଲା ଡିଜେ ଗାଡ଼ି

ଢେଙ୍କାନାଳ,୧୪।୩(ରତନ ନାୟାର)




ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦାସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ଶନିବାର ଏକ ଡିଜେ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଡିଜେ ଗାଡିରେ ଥିବା ଅପରେଟର ଓ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଡିଜେ ଗାଡିଟି ଏକ ବାହାଘର ସାରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଗାଡିରେ ଲାଗିଥବା ଲକ୍ଷାଧିକ ଟଙ୍କାର ମେଶିନ ଭାଙ୍ଗିରୁଜି ଯାଇଛି। ଯୋରନ୍ଦା ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

# ବ୍ରାଉନସୁଗାର ଜବତ, ୩ ଗିରଫ

ବଅଁରପାଳ, ୧୪।୩(ସୁବାସ ସାହୁ)



ଅନୁଗୋଳ ଜିଲା ବଅଁରପାଳ ପୋଲିସ ଗାଡ଼ରଖାଇ ଗ୍ରାମ ଆଲୁମିନିୟମ ପାର୍କ ଅଞ୍ଚଳରୁ ୫ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୩ ବେପାରୀଙ୍କୁ କାବୁ କରିଛି। ପୋଲିସର ସୂଚନା ଅନୁଯାୟୀ, ଜିଲାକୁ ନିଶାମୁକ୍ତ କରିବା ପାଇଁ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ନିର୍ଦ୍ଦେଶକ୍ରମେ ଅପରେଶନ ପ୍ରହାର ଅନୁଯାୟୀ ବଅଁରପାଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଆଲୁମିନିୟମ ପାର୍କ ଅଞ୍ଚଳରେ କେତେଜଣ ବ୍ରାଉନସୁଗାର ବେପାରୀ ଏକତ୍ରୀତ ହୋଇଥିବା ବିଶେଷସୂତ୍ରରୁ ବଅଁରପାଳ ଥାନା ଅଧିକାରୀ ଖବର ପାଇଥିଲେ। ଥାନା ଅଧିକାରୀଙ୍କ ନେତୃତ୍ୱରେ ସବ୍ଇନ୍ସପେକ୍ଟର କେ.ପି. ନାୟକ ଓ ସ୍ପେଶାଲ ସ୍କ୍ୱାଡ୍ ଅପରାହ୍ନ ୪ ଟାରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ବ୍ରାଉନସୁଗାର ବେପାରୀ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ୩ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତମାନେ ହେଲେ ତାଳଚେର ସାଉଥବଳଣ୍ଡା ଅଞ୍ଚଳର କୁନାଲ ସିଂ, ବଅଁରପାଳ ଥାନା ଶାଳଗାଡ଼ିଆ ଗ୍ରାମର ଶକ୍ତି ସଂଗ୍ରାମ ଖିଲାର, ଗୋତମରା ଗ୍ରାମର ମହେନ୍ଦ୍ର କୁମାର ବିଶ୍ୱାଳ। ଯାଞ୍ଚ ସମୟରେ ସେମାନଙ୍କ ଠାରୁ ୫ ଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର, ନଗଦ ୧୫ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି।

# ଅଗ୍ନି ସଚେତନତା କାର୍ଯ୍ୟକ୍ରମ

ଓଡ଼ାପଡ଼ା, ୧୪।୩ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ହିନ୍ଦୋଳ ରୋଡସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟଠାରେ ଅଗ୍ନି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ନବଘନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଙ୍ଗୁରସିଂହଠାରେ ଥିବା ଗୁରୁକୁଳ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଅଗ୍ନିକାଣ୍ଡ ସମୟରେ ନିଜକୁ ତଥା ପାଖ ପଡ଼ୋଶୀମାନଙ୍କ ଧନ ଜୀବନ କିପରି ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ଅଗ୍ନିଶମ ଅଧିକାରୀ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ତଥା ଗୁରୁମା ଗୁରୁଜୀମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିପ୍ତୀମୟୀ ଦାସଙ୍କ ସହ ଅନ୍ୟ ସହକର୍ମୀମାନେ ଉପସ୍ଥିତ ଥିଲେ।

# ବାଇକ୍-ସ୍କୁଟି ଧକ୍କା, ଜଣେ ମୃତ

ଢେଙ୍କାନାଳ,୧୪।୩(ରତନ ନାୟାର)

ଢେଙ୍କାନାଳ ସହର ରାମେଶ୍ୱରପୁରସ୍ଥିତ ଓଭରବ୍ରିଜ୍ଠାରେ ଶନିବାର ଦିନ ପ୍ରାୟ ସାଢେ ୧ଟା ସମୟରେ ଏକ ବାଇକ ଓ ସ୍କୁଟି ମଧ୍ୟରେ ଧକ୍କା ହେବାରୁ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ସଦର ଥାନା ରଞ୍ଜା ଗ୍ରାମର ଅଞ୍ଜନ ସାହୁ (୫୨) । ଅଞ୍ଜନ ଢେଙ୍କାନାଳ ସହରରେ ଜଣେ ମେଡିସିନ ହୋଲସେଲରଙ୍କ ନିକଟରେ କାମ କରନ୍ତି । ସେ ଖାଇବାକୁ ଯାଉଥିବା ବେଳେ ଓଭରବ୍ରିଜ୍ ଉପରେ ତାଙ୍କୁ ଏକ ସ୍କୁଟି ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ସରକାରୀ ଜାଗାରୁ ବେଆଇନ ମୋରମ ଚାଲାଣ

## ତହସିଲଦାରଙ୍କୁ ଜଣାଇ ଖନନ କରୁଛୁ: ଠିକାଦାର



ପରଜଙ୍ଗ,୧୪।୩ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ ଭାଲିଆତଇଲା ମୌଜାରୁ ଶନିବାର ଦିବାଲୋକରେ ବେଆଇନ ଭାବେ ଶତାଧିକ ଟ୍ରିପ ମୋରମ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଖଣି ବିଭାଗ ଓ ତହସିଲ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ ଅଧିକାରୀମାନେ ନୀରବ ଥିବା ଅଞ୍ଚଳବାସୀ କହିଛନ୍ତି।

ଅଭିଯୋଗ ମୁତାବକ. ପିକେଡି କନ୍ଷ୍ଟ୍ରକ୍ସନ ଲିମିଟେଡ ନାମକ ଠିକା ସଂସ୍ଥା ବାରିହାପୁରସ୍ଥିତ ଜାତୀୟ ରାଜପଥ ୫୩ଠାରୁ ପରଜଙ୍ଗ ବଜାର ଦେଇ ହାତୀଲୁଚାଣି ଛକ ପର୍ଯ୍ୟନ୍ତ ଏବଂ ଭାଲୁମୁଣ୍ଡାଠାରୁ ସରାଙ୍ଗ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ଦାୟିତ୍ୱ ନେଇଛି। ୧୦ରୁ ଊର୍ଦ୍ଧ୍ୱ ହାଇଓ୍ୱା ଗାଡ଼ିରେ ଶତାଧିକ ଟ୍ରିପ ମୋରମ ଚାଲାଣ ହେଉଛି। ଏ ନେଇ ଖଣି ବିଭାଗ ପକ୍ଷରୁ ଅନୁମତି ଅଣାଯାଇ ନ ଥିବା ଜଣାପଡ଼ିଛି। ମୋରମ ଖନନ କରାଯାଉଥିବା ସ୍ଥାନଟି ସରକାରୀ ହୋଇଥିବାବେଳେ କମ୍ପାନୀ ପକ୍ଷରୁ ସରକାରଙ୍କ ସର୍ତ୍ତାବଳୀଗୁଡ଼ିକ ଅନୁପାଳନ ନ କରି କମ୍ପାନୀ ମୋରମ ଖନନ କରି ପରିବହନ କରୁଛି। ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ରାଜସ୍ୱ ହାନୀ ହେଉଛି। ଏ ନେଇ ପିକେଡି କନ୍ଷ୍ଟ୍ରକ୍ସନ ଲିମିଟେଡ ସଂସ୍ଥାର ସାଇଡ୍ ଇନ୍ଚାର୍ଜ ଦିଲୀପ ପ୍ରଧାନ କହିଛନ୍ତି, ଆମେ ମୋରମ ଖନନ ପାଇଁ କୌଣସି ଅନୁମତି ଆଣିନାହୁଁ । ତହସିଲଦାରଙ୍କ ସହ କଥାହୋଇ ମୋରମ ଖନନ କରୁଛୁ। କେବଳ ଛୁଟିଦିନିଆ ମୋରମ୍ ଉଠାଇବାକୁ ତହସିଲଦାର କହିଥିବା ପ୍ରଧାନ କହିଛନ୍ତି। ତହସିଲଦାର ସୁଦେବ କୁମାର ପୃଷ୍ଟିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁଙ୍କୁ ପଚାରିବାରୁ ସେ ଖଣି ବିଭାଗକୁ ଜଣାଇବାକୁ କହିଥିଲେ। ତାଙ୍କୁ ମୋରମ ଖନନ ବିଷୟରେ କେହି ଜଣାଇ ନ ଥିବା ସେ କହିଛନ୍ତି। ଏଥିପ୍ରତି ଜିଲାପାଳ ଏବଂ ଜିଲା ଖଣିଜ ବିଭାଗ ଅଧିକାରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ସଚେତନତା ଦ୍ୱାରା କିଡ୍ନୀ ରୋଗକୁ ପ୍ରତିହତ କରିପାରିବା

## କିଡ୍ନୀ ରୋଗ ପରୀକ୍ଷଣ ଶିବିର




ଦ୍ୱିତୀୟ କିଡ୍ନୀ ରୋଗ ପରୀକ୍ଷଣ ଓ ସଚେତନତା ଶିବିରରେ ଡାକ୍ତର ଓ ଅନ୍ୟମାନେ।

ଢେଙ୍କାନାଳ,୧୪।୩(ରତନ ନାୟାର)

ଢେଙ୍କାନାଳ ବସ୍ଷ୍ଟାଣ୍ଡ ନିକଟ ବିନୋଦ ଭବନ ପରିସରରେ ଶନିବାର ସକାଳ ୯ଟା ସମୟରେ ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ଏବଂ ରୋଟାରୀ କ୍ଲବ ଆନୁକୂଲ୍ୟରେ ଜିଲା ସ୍ୱାସ୍ଥ୍ୟ ସମିତି ସହଯୋଗରେ ଦ୍ୱିତୀୟ କିଡ୍ନୀ ରୋଗ ପରୀକ୍ଷଣ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସଭାପତି ରାଜେନ୍ଦ୍ର କୁମାର ଦାସ ଏହି ଶିବିରକୁ ଉଦ୍ଘାଟନ କରିଥିଲେ । ରୋଟାରୀ କ୍ଲବ ସଭାନେତ୍ରୀ ସାଗରିକା ମିଶ୍ରଙ୍କ ସଭାପତିତ୍ୱରେ କିଡ୍ନୀ ରୋଗ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟର ସଞ୍ଜୀବନୀ ସଂଯୋଜକ ଦେବଦତ୍ତ ମିଶ୍ର ଓ ଜିଲା ରେଡକ୍ରସ୍ ଉପାଧ୍ୟକ୍ଷ ରାଜକିଶୋର ବେହେରା 'ସଚେତନତା ହିଁ ସୁରକ୍ଷା'କୁ ମୂଳ ଆଧାର ଭାବେ ଗ୍ରହଣ କରି କିଡ୍ନୀ ରୋଗକୁ ପ୍ରତିହତ କରିପାରିବା ବୋଲି ପ୍ରକାଶ କରିଥିଲେ ।

ଏହି ଦ୍ୱିତୀୟ ପର୍ଯ୍ୟାୟ କିଡ୍ନୀ ରୋଗ ପରୀକ୍ଷଣ ଓ ସଚେତନତା ଶିବିରରେ ଶତାଧିକ ଜନସାଧାରଣ ଯୋଗଦେଇ ରକ୍ତନମୁନା ସଂଗ୍ରହରେ ଅଂଶଗ୍ରହଣ କରିଥିଲେ। ଶିବିରରେ ପରୀକ୍ଷଣ ହୋଇଥିବା ରକ୍ତ ନମୁନାର ୧୨ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ପରବର୍ତ୍ତୀ ଚିକିତ୍ସା ପରାମର୍ଶ ଦିଆଯାଇଥିଲା । ରୋଟାରିଆନ ତପନ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ରୋଟାରିଆନ୍ ନବୀନ ଚନ୍ଦ୍ର ନାରାୟଣ ଦାସ, ବିରଞ୍ଚି ନାରାୟଣ ପାଣି, ପ୍ରଦୋଷ ଶତପଥୀ, ଡା. ଭବାନୀ ଶଙ୍କର ଦାସ, ସୌମ୍ୟ ରଞ୍ଜନ ମିଶ୍ର ଏବଂ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ପକ୍ଷରୁ ମହେଶ ପ୍ରସାଦ ଅଗ୍ରୱାଲ, କୃଷ୍ଣଚନ୍ଦ୍ର ଦେବତା, ଲୋକନାଥ ମହାପାତ୍ର ଓ ଦୁଷ୍ମନ୍ତ ରାଉତ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଟେକ୍ନିସିଆନ୍, ନର୍ସିଂ ଷ୍ଟାଫ୍ ଶିବିରରେ ଉପସ୍ଥିତ ରହି ରକ୍ତ ନମୁନା ସଂଗ୍ରହ କରିଥିଲେ । ଏହି କିଡ୍ନୀ ରୋଗ ପରୀକ୍ଷଣ ଓ ସଚେତନତା ଶିବିରର ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ୨୧ ଓ ୨୮ ତାରିଖ ସକାଳ ୯ଟାରୁ ୧୨ଟା ପର୍ଯ୍ୟନ୍ତ ବିନୋଦ ଭବନ ପରିସରରେ ଅନୁଷ୍ଠିତ ହେବ ବୋଲି ରାଜକିଶୋର ବେହେରା ସୂଚନା ଦେଇଛନ୍ତି।

